# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାନ୍ଦବାଲି

ବିଜ୍ଞାପନ ସଂଖ୍ୟା: ୪୨୩ // ତାରିଖ: ୩୧/୧୨/୨୫

ଆମ ବସଷ୍ଟାଣ୍ଡ ଆରଡ଼ି କମିଟି ର ସଦସ୍ୟ ମାନଙ୍କର ସମ୍ମତି କ୍ରମେ ଚାନ୍ଦବାଲି ଅଞ୍ଚଳର ସମସ୍ତ ସର୍ବସାଧାରଣ ଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବସଷ୍ଟାଣ୍ଡର ନିର୍ମାଣ ହୋଇଥିବା ଆଠ ଗୋଟି ଦୋକାନ ଗୃହ କୁ ବ୍ୟବସାୟ ନିମନ୍ତେ ଭଡା ସୂତ୍ରରେ ଦେବାପାଇଁ ନିମ୍ନଲିଖିତ ସର୍ତ୍ତାବଳୀ ର ବ୍ୟବସ୍ଥା ରହିଅଛି, ଏଣୁ ଆଗ୍ରହୀ ବ୍ୟକ୍ତି ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାଇ ଏଥିରେ ଭାଗ ନେବାନିମନ୍ତେ ଆବେଦନ କରିପାରିବେ |

**ସର୍ତ୍ତାବଳୀ**

1. ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଦୋକାନ ଗୃହ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଅଛି | ପ୍ରତି ଦୋକାନ ଗୃହକୁ ଅଲଗାଭାବେ ପାଞ୍ଚବର୍ଷ ନିମନ୍ତେ ଭଡାରେ ଦିଆ ଯିବ | ପ୍ରତିଦୋକାନ ଗୃହର ସର୍ବନିମ୍ନ ମୂଲ୍ୟ ଟ. ୧୦୬୫ /- ରହିବ | ପ୍ରତିବର୍ଷ ଭଡା ରାଶି ୧୦ ପ୍ରତିଶତ ହାରରେ ବୃଦ୍ଧି କରାଯିବ ।
2. ଭଡା ପାଇଥିବା ବ୍ୟକ୍ତି ନିଜର ବିଦ୍ୟୁତ ବିଲ ପୈଠ କରିବେ |
3. ଭଡା ନେଇଥିବା ବ୍ୟକ୍ତି ୬ ମାସର ଭଡା ଅଗ୍ରିମ ଭାବେ ପୈଠ କରିବେ ଏବଂ ପ୍ରତିମାସର ପାଞ୍ଚ ତାରିଖ ସୁଦ୍ଧା ଆମ ବସଷ୍ଟାଣ୍ଡ ବ୍ୟାଙ୍କ ଖାତାରେ ଜମାକରି ତାହାର ନକଲ ଆମ ବସଷ୍ଟାଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ | ଯଦି ଭଡା ନେଇଇଥିବା ବ୍ୟକ୍ତି ପାଞ୍ଚ ବର୍ଷ ମଧରେ ନିଜସ୍ୱ ଇଛା ରେ ଦୋକାନ ଗୃହ ପରିତ୍ୟାଗ କରନ୍ତି ତେବେ ଅନ୍ୟୁନ ୩ ମାସ ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ଗୋଚାରର୍ଥ ରେ ଦରଖାସ୍ତ ଦାଖଲ କରିବେ |
4. ଭଡା ନେଇଥିବା ବ୍ୟକ୍ତି କୌଣସି ପ୍ରକାର ଅନକୃତ / ଆଇନ ଅମାନ୍ୟ ଦ୍ରବ୍ୟ ବିକ୍ରୟ କରିପାରିବେ ନାହିଁ |
5. ଭଡା ନେଇଥିବା ବ୍ୟକ୍ତି ଦୋକାନ ଗୃହର ର ଉପଯୁକ୍ତ ରକ୍ଷଣା ବେକ୍ଷଣ ନିମନ୍ତେ ଆଇନତଃ ଦାୟୀ ରହିବେ ଯଦି ଦୋକାନ ଗୃହର ଉପଯୁକ୍ତ ରକ୍ଷଣା ବେକ୍ଷଣ ନ କରନ୍ତି ତେବେ ତାଙ୍କ ଭଡା କୌଣସି ସମୟରେ ରଦ୍ଦ କରା ଯାଇପାରିବ |

## ଆବେଦନ ଗ୍ରହଣ ତାରିଖ ଏବଂ ପ୍ରକ୍ରିୟା

1. ଆବେଦନ କାରୀ ନିମ୍ନରେ ଦିଆଯାଇଥିବା ଫର୍ମାଟ ଅନୁଯାଇ କେବଳ ରେଜିଷ୍ଟ୍ରେଡ଼ ପୋଷ୍ଟ / ସ୍ପୀଡ଼ ପୋଷ୍ଟ ମାଧମରେ ବ୍ଲକ ଉନ୍ନୟନ ଅଧିକାରୀ, ଚାନ୍ଦବାଲି ଙ୍କ ଆଧିକାରୀକ ଡାକ ଠିକଣା କୁ ସିଧା ସଳଖ ପଠାଇବେ |

2. ଗୋଟିଏ ଦୋକାନ ଗୃହ ପାଇଁ ଜଣେ ଆବେଦନ କାରୀ ଅଲଗା ମୂଲ୍ୟ ରେ ଏକାଧିକ ଆବେଦନ କରିପାରିବେନାହିଁ |

3. ଗୋଟିଏ ଦୋକାନ ଗୃହ ପାଇଁ ସର୍ବୋଚ୍ଚ ମୂଲ୍ୟରେ ଆବେଦନ କରିଥିବା ଆବେଦନ କାରୀଙ୍କ ଆବେଦନ ଗ୍ରହଣ କରାଯିବ |
4. ଆବେଦନ ଗ୍ରହଣ କରିବାର ଶେଷ ତାରିଖ ୧୭/୦୧/୨୦୨୬ ଅପରାହ୍ନ ୫.୦୦ ପର୍ଯ୍ୟନ୍ତ | ଡାକ ବିଳମ୍ବ ହେତୁ ଆବେଦନ ନ ପହଁଚିଲେ ଏହା ପାଇଁ ନିମ୍ନ ସ୍ୱାକ୍ଷର କାରୀ ଦାୟୀ ହେବେ ନାହିଁ | ଡାକ ଗୁଡିକ ୨୦.୦୧.୨୦୨୬ ପୂର୍ବାହ୍ନ ୧୧.୦୦ ଟା ସମୟ ରେ ବ୍ଲକ କନଫେରେନ୍ସ ହଲ ରେ ଖୋଲା ଯିବ |

5. ଯଦି ଆବେଦନ କରିଥିବା ବ୍ୟକ୍ତି ସେହିଦିନ ଉପସ୍ଥିତ ନ ରୁହନ୍ତି ତେବେ ତାଙ୍କ ବଦଳରେ ଯଦି କେହି ଆସିଥାନ୍ତି ତେବେ ଆବେଦନ କରିଥିବା ବ୍ୟକ୍ତିଙ୍କ ଠାରୁ ଲିଖିତ ଅନୁମତି ଆଣିବେ ।

6. ଯଦି କୌଣସି ବ୍ୟକ୍ତି ଡାକ ଖୋଲା ଯିବା ସମୟରେ ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ ବ୍ଲକ ଅଧିକାରୀ ସେହି ବ୍ୟକ୍ତିଙ୍କୁ କକ୍ଷ ରୁ ବାହାର କରିଦେଇ ପାରିବେ ।

7. ଭଡ଼ାର ବିବରଣୀ (**Rent Specification**) ଭଦ୍ରକ **district web portal** ରୁ ପ୍ରାପ୍ତ କରାଯାଇପାରିବ ।

8. ଆବେଦନକାରୀ ନିମ୍ନ ରେ ଦିଆଯାଇଥିବା ଫର୍ମାଟ ସିଂହ ନିଜର ଆଧାର କାର୍ଡ ର ଜେରକ୍ସ ସଂଲଗ୍ନ କରିବେ ।

୨. ବ୍ଲକ ଅଧିକାରୀ, ଡାକଗୁଡିକ ଦୋକାନ ଗୃହ ଭଡା ଦେବାନିମନ୍ତେ ଆସିଅଛି ଜାଣିବା ପାଇଁ ଆବେଦନକାରୀଙ୍କୁ ଅନୁରୋଧ କରାଯାଉଛି ସେମାନେ ଖାମ (ଲିଫାପା) ଉପରେ " ଦୋକାନ ଗୃହ" ଲେଖିବେ । ଯେଉଁ ଖାମ ଉପରେ ଏହା ଲେଖାଯାଇନଥିବ ସେ ଗୁଡିକୁ ଗ୍ରହଣ କରାଯିବ ନାହିଁ ।

10. ଚୟନ ହୋଇଥିବା ବ୍ୟକ୍ତି **OSRTC** ସହିତ ଏକ ଚୁକ୍ତି ପତ୍ର ସ୍ୱାକ୍ଷର କରିବେ ଏବଂ ୬ ମାସର ଭଡା ଅଗ୍ରୀମ ଭାବେ ପୈଠ କରିବେ ।

## ଫର୍ମାଟ

| ଦୋକାନ ଗୃହ ନମ୍ବର (୧ ରୁ ୮) | ମୂଲ୍ୟ | ଆବେଦନକାରୀଙ୍କ ନାମ | ଆବେଦନକାରୀଙ୍କ ଆଧାର କାର୍ଡ ନମ୍ବର |
|---|---|---|---|
| | | | |

## ଠିକଣା

To - ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚାନ୍ଦବାଲି
ପଞ୍ଚାୟତ ସମିତି,ଚାନ୍ଦବାଲି
Po/Ps- ଚାନ୍ଦବାଲି
Pin- 756133
Dist- ଭଦ୍ରକ

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଚାନ୍ଦବାଲି

**Memo No:** ୭୨୭୮ **/Date:** ୨୯/୧୨/୨୪

ଏହାର ଏକ ନକଲ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଭଦ୍ରକ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଚାନ୍ଦବାଲି

**Memo No:** ୪୨୮୪ **//Date:** ୩୧/୧୨/୨୪

ଏହାର ଏକ ନକଲ ଉପ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡିଶା ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ ଉପୋରକ୍ତ ବିଜ୍ଞାପନ କୁ ଅନ୍ୟୁନ ଦୁଇଗୋଟି ଓଡ଼ିଆ ଖବର କାଗଜ ରେ ଛପାଇବେ ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଚାନ୍ଦବାଲି

**Memo No:** ୪୨୮୫ **//Date:** ୩୧/୧୨/୨୪

ଏହାର ଏକ ନକଲ **District e-Governance Manager** ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇ ଏହାକୁ https://bhadrak.odisha.gov.in ରେ **upload** କରିବାକୁ ଅନୁରୋଧ କରା ଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଚାନ୍ଦବାଲି

**Memo No:** ୪୨୮୬ **//Date:** ୩୧/୧୨/୨୪

ଏହାର ଏକ ନକଲ **DM, OSRTC,** ଭଦ୍ରକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଚାନ୍ଦବାଲି